# Akashvani, Sambalpur

## SAMBALPURI NEWS BULLETIN

### 22 November 2024- 6.47- 6.52 am.

***********************************************

ଓଡ଼ିଶା ପର୍ବ ୨୦୨୪ ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ସଂସ୍କୃତିର୍ ପ୍ରଚାର୍ ଆଉ ସୁରକ୍ଷା ଲାଗି ଓଡ଼ିଆ ସମାଜ୍ ତର୍‌ଫୁ ଆଏଜ୍‌ଠାନୁ ଦିଲ୍ଲୀ ନ ଓଡ଼ିଶା ପର୍ବ ୨୦୨୪ ଆୟୋଜନ୍ କରାଯାଉଛେ । ଜବାହାର୍‌ଲାଲ୍ ଷ୍ଟାଡ଼ିୟମ୍ ନ ୩ ଦିନ୍‌ତକ୍ ଚାଲ୍‌ବାର୍‌କେ ଥିବାର୍ ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ୍ ଦେବେ । ତାଙ୍କର୍ ସାଙ୍ଗେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶାର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ସହେତେ ବହୁତ୍‌ଟେ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ୍ ରହେବେ । ଓଡ଼ିଶା ପର୍ବ ଥି ରଙ୍ଗାରଙ୍ଗ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ହେବାର୍ ସହେତେ ରାଜ୍ୟର୍ ସାମାଜିକ୍, ସାଂସ୍କୃତିକ ଆଉ ରାଜନୈତିକ୍ ମୂଲ୍ୟବୋଧକେ ପ୍ରଦର୍ଶନ୍ କରାଯିବା ।

ବିଶ୍ୱସ୍ତରୀୟ ପ୍ରଦର୍ଶନୀ କେନ୍ଦ୍ର ଆର୍‌ଏନ୍‌ୟୁ / ସମ୍ବଲପୁର

ସିଙ୍ଗାପୁର୍‌ର ସନ୍‌ଟେକ୍ କନ୍‌ଭେନ୍‌ସନ୍ ସେଂଟର୍ ଡିଜାଇନ୍‌ଥି ରାଏଜେ ତିଆର୍ ହେବା ବିଶ୍ୱସ୍ତରୀୟ ପ୍ରଦର୍ଶନୀ କେନ୍ଦ୍ର । ଇ କେନ୍ଦ୍ର ବଡ଼ ବଡ଼ ବୈଠକ୍, ସମ୍ମିଲନୀ ଆଉ ପ୍ରଦର୍ଶନୀ ଲାଗି ବଡ଼ ଜାଗାର୍ ଭୂମିକା ନେବା । ଇଥିର୍‌ଲାଗି ସିଙ୍ଗାପୁର୍ ସର୍‌କାର୍ ପୁରା ସହଯୋଗ୍ କର୍‌ବେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସିଙ୍ଗାପୁର୍ ଗସ୍ତଥି ଯାଇକରି ସନ୍‌ଟେକ୍ କନ୍‌ଭେନ୍‌ସନ୍ କେନ୍ଦ୍ର ବୁଲ୍‌ବାର୍ ଉତ୍‌ରୁ ଇ ନିଷ୍ପତି ନେଇଛନ୍ । ଇତାର୍‌ଛଡ଼ା ବିଶ୍ୱ ଦକ୍ଷତା କେନ୍ଦ୍ରର୍ ଭିଲ୍ ସମ୍ପ୍ରସାରଣ୍ କରାଯିବା । ଇଥି ଜାତୀୟ ଆଉ ଅନ୍ତର୍ଜାତୀୟ ସ୍ତରଥି ଚାହିଦା ଥିବା ଆଧୁନିକ ଦକ୍ଷତା ଭିତିକ ପାଠ୍ୟକ୍ରମ୍ ମୁଲ୍ ହେବା । ଇଟା ହେଲେ ମାନବ ସମ୍ବଳ ବଜାରଥି ଓଡ଼ିଆ ପିଲାଙ୍କର୍ ଚାହିଦା ବଢ଼୍‌ବା ।

ଡାଟା ଫୋରମ୍ -୨୦୨୪ ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍‌ର ଗୁଟେ ଘରୋଇ ହୋଟେଲ୍ ନ ନୀତି ଆୟୋଗ୍ ତର୍‌ଫୁ ଡାଟା ଫୋରମ୍ -୨୦୨୪ ଶୀର୍ଷକ ଦୁଇଦିନିଆ କର୍ମଶାଳା ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଛେ । ଇଥି ଭିନ୍ ଭିନ୍ ରାଜ୍ୟ, କେନ୍ଦ୍ରଶାସିତ୍ ଅଂଚଲ୍ ଆଉ ଭାରତ୍ ସର୍‌କାର୍‌ଙ୍କର୍ ଭିନ୍ ଭିନ୍

ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଛନ୍ । ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ ଯେ, ତଥ୍ୟଭିତିକ ନିଷ୍ପତି ନେବାର୍ ଲାଗି ଡାଟା ଗୁଟେ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ଭାବେ କାମ୍ କର୍‌ସି ।

କୁଳପତିଙ୍କର୍ କାର୍ଯ୍ୟକାଳ ବୃଦ୍ଧି       ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ଉତ୍କଳ ବିଶ୍ୱବିଦ୍ୟାଳୟ, ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ଆଉ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର୍ କୁଳପତିଙ୍କର୍ କାର୍ଯ୍ୟକାଳ ବଢ଼ାଯାଇଛେ । ବିଶ୍ୱବିଦ୍ୟାଳୟମାନ୍‌କର୍ କୁଳାଧିପତି ତଥା ରାଜ୍ୟପାଲ୍ ରଘୁବର୍ ଦାସ ଆଉ ୬ ମାସ୍ ଇମାନ୍‌କର୍ କାର୍ଯ୍ୟକାଳ ବଢ଼ାବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଇ ବାବ୍‌ଦେ କୁଳାଧିପତିଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ଅତ୍ୟାଧୁନିକ ଆକ୍ୱାପାର୍କ - ସମ୍ବଲପୁର    ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲ୍ପୁର୍ ଜିଲ୍ଲାର୍ ବସନ୍ତପୁର୍ ନ ଗୁଟେ ଅତ୍ୟାଧୁନିକ ଆକ୍ୱାପାର୍କ ତିଆର୍ କରାଯିବା । ଇ ପାର୍କ ଲାଗି ଶହେ କୋଟି ଟଙ୍କା ଖର୍ଚ୍ଚା ହେବା ବଲି ମସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଘୋଷ୍ନା କରିଛନ୍ । ବିଶ୍ୱ ମସ୍ୟ ଦିବସ୍ ଅବ୍ସରେ ଭୁବ୍ନେଶ୍ୱର୍ ନ ଗଲାକାଏଲ୍ ହେଇଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ମନ୍ତ୍ରୀ କହିଛନ୍ ଯେ, ଖୋବ୍ ଜଲ୍ଦି ରାଏଜେ ମସ୍ୟ ଆଉ ପଶୁସମ୍ପଦ୍ ବିଶ୍ୱବିଦ୍ୟାଳୟ ତିଆର୍ କରାଯିବା । ଇଟା ହେଲେ ମାଛ୍ ଚାଷ୍, ପଶୁପାଲନ୍କେ ଅଏତ୍କା ତହଁକ୍ ମିଲ୍ବାର୍ ସହେତେ ଛାତ୍ରଛାତ୍ରମାନ୍କୁ ଶିକ୍ଷା ଭିଲ୍ ଦିଆଯିବା । ଇଥିର୍ଲାଗି ପ୍ରକ୍ରିୟା ମୁଲ୍ ହେଇସାରିଛେ ବଲି ମନ୍ତ୍ରୀ କହିଛନ୍ ।

ଶହୀଦ୍ ଲକ୍ଷ୍ମଣ ନାୟକ ଜୟନ୍ତୀ        ଆର୍ଏନ୍ୟୁ /ସମ୍ବଲପୁର

ଆଏଜ୍ ହେଉଛେ ମହାନ୍ ବିପ୍ଳବୀ ଶହୀଦ୍ ଲକ୍ଷ୍ମଣ ନାୟକ୍ଙ୍କର୍ ଜୟନ୍ତୀ । ଦକ୍ଷିଣ ଓଡ଼ିଶା ଆଉ କୋରାପୁଟ୍ ଜିଲ୍ଲା ନ ଭାରତ୍ ଛାଡ୍ ଆନ୍ଦୋଲନ୍ଥି ଆଦିବାସୀ ବୀର ଲକ୍ଷ୍ମଣ ନାୟକ ବଡ଼ ଭୂମିକା ନେଇଥିଲେ । ତାଙ୍କର୍ ଅସାଧାରଣ୍ ଦେଶପ୍ରେମ, ଅଦମ୍ୟ ସାହସ୍ ଆର୍ ନିର୍ଭୀକ ସଂଗ୍ରାମୀ ଜୀବନ୍କେ ସୁର୍ତା କରିକରି ଆଏଜ୍

ସାରା ରାଏଜେ ତାଙ୍କର୍ ଜୟନ୍ତୀ ପାଲନ୍ କରାଯାଉଛେ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ନ ଆଏଜ୍ ସଞ୍ଜ୍‌ବେଲେ ଶହୀଦ୍ ଲକ୍ଷ୍ମଣ ନାୟକଙ୍କ୍‌ର ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେବା ।

ଉସ୍ତାଦ୍ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର   ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶାର୍ ୩ ଝନ୍ କଲାକାର୍‌ଙ୍କୁ ଉସ୍ତାଦ୍ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର୍ ଦିଆଯିବା । ସେମାନେ ହେଲେ ଓଡ଼ିଶୀ ନୃତ୍ୟ ଶିଳ୍ପୀ, ଅରୂପା ଗାୟତ୍ରୀ ପଣ୍ଡା, ଦେବାଶିଷ ପଟ୍ଟନାୟକ୍ ଆଉ ଲୋକ୍ ନୃତ୍ୟ ଶିଳ୍ପୀ ଆଲୋକ ବିଶୋଇ । ନୂଆଦିଲ୍ଲୀର ଡକ୍ଟର୍ ଆମ୍ବେଦକର ନେସ୍‌ନାଲ୍ ସେଂଟର୍ ନ ଆଏଜ୍ ହେଉଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଇମାନେ ପୁରସ୍କାର୍ ପାଏବେ । ଇ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ପର୍ଯ୍ୟଟନ୍ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍‌ଙ୍କର୍ ସହେତେ ବହୁତ୍‌ଟେ ସିଆନ୍ ସୁଜନ୍‌ମାନେ ଉପସ୍ଥିତ୍ ରହେବେ ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଳିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ

ଆର୍‌ଏନ୍‌ୟୁ / ସମ୍ବଲପୁର

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଅଗ୍ରସେନ ଧର୍ମଶାଳା ଠାନେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତର୍‌ଫୁ ୩

ଦିନିଆ ତାଲିମ୍ ଶିବିର୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଇଥି ମୁଖ୍ୟଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଯୋଗ୍ ଦେଇକରି ଜ୍ଞାନ୍ ବଲେ ଶାନ୍ତି ଆବର୍ଭାବ୍ ହେସି ବଲି କହିଛନ୍ ।